# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୧୮ ଅନୁଷ୍ଠିତ

ଢେଙ୍କାନାଳ, ତା-୨୫/୫/୨୦୧୮ -

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସଦ୍ଭାବନା ସଭାଗୃହରେ ଆଜି ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଓ ଜିଲ୍ଲା/ବ୍ଲକ ବିପର୍ଯ୍ୟୟ ପରିଚାଳନା ଯୋଜନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀ କାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରି ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ପ୍ରସ୍ତୁତ ଓ ସଜାଗ ରହିବାକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ଅଧିକାରୀମାନଙ୍କ ସମନ୍ୱୟ ରକ୍ଷା କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିପନ୍ନ ଅଞ୍ଚଳରେ ପାନୀୟ ଜଳ ଓ ବିଦ୍ୟୁତ୍ ସରବରାହ ଉପରେ ଅଧିକ ଧ୍ୟାନ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ବର୍ଷା ଋତୁ ଓ ବନ୍ୟା ପୂର୍ବରୁ ନଦୀବନ୍ଧର ଦୁର୍ବଳ ସ୍ଥାନ ମରାମତି, ବନ୍ୟା ଜଳ ନିଷ୍କାସନ ନିମନ୍ତେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ନାଳ, ନର୍ଦ୍ଦମା ସଫା କରିବା ଉପରେ ଆଲୋଚନା ହୋଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କ ପାଇଁ ଯଥେଷ୍ଟ ପରିମାଣର ଚୁଡ଼ା, ଗୁଡ଼, ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ହେବା ସହିତ ପଶୁ ଜୀବମାନଙ୍କ ନିମନ୍ତେ ଘାସ-ଖାଦ୍ୟ ମହଜୁଦ ହେବାକୁ ବି.ଡି.ଓ. ଏବଂ ତହସିଲଦାରମାନଙ୍କ ଅଗ୍ରାଧିକାର ଦେଲେ। ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିସେବା ଦଳ ସଜାଗ ରହିବେ। ଆବଶ୍ୟକ ସ୍ଥାନରେ ବି.ଡି.ଓ. ଏବଂ ତହସିଲଦାରମାନେ ଡଙ୍ଗାର ବ୍ୟବସ୍ଥା କରିବେ। ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଅଧିକ ପରିମାଣର ବ୍ଲିଚିଂ-ପାଉଡର, କ୍ଲୋରିନ ଟାବଲେଟ୍, ହାଲୋଜନ ଟାବଲେଟ୍ ଓ ଜରୁରୀ ଔଷଧ ଯୋଗାଇ ଦିଆଯିବ।

ଜିଲ୍ଲାରେ ୮ ଟି ଗ୍ରାମ ପଞ୍ଚାୟତରେ ୮ ଗୋଟି ବହୁମୁଖୀ ଆଶ୍ରୟ-ସ୍ଥଳ ଅଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଓଡ୍ରାଫ୍ର ୨୭ ଜଣ ସଦସ୍ୟ ନିୟୋଜିତ ଥିବା ବେଳେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ କିଛି ଯୁବ ବାହିନୀକୁ ଆବଶ୍ୟକ ଟ୍ରେନିଂ ଦେଇ ସାମିଲ କରିବାକୁ ଆଲୋଚନା ହୋଇଥିଲା।

ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରୁ ରଖି ଜୁନ ୧ ତାରିଖରୁ ଅକ୍ଟୋବର ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନର ବର୍ଷା ପରିମାଣ ରେକର୍ଡ

ସୋଲିଷ ଏବଂ ଆବଶ୍ୟକ ହେଲେ ୫ ଜରିଆ ସ୍ଥିତି ନଦୀବନ୍ଧ-ଗୁଡ଼ିକରେ ସମସ୍ତ ଦୁର୍ବଳ ସ୍ଥାନ ଗୁଡ଼ିକ ମରାମତି କରାଯିବ ବୋଲି ଆଲୋଚନା ହୋଇଥିଲା ।

ବିପର୍ଯ୍ୟୟ ସମୟରେ ରାସ୍ତା ଉପରେ ପଡ଼ିଥିବା ଗଛକୁ ତୁରନ୍ତ ହଟାଇବା, ପ୍ରଭାବିତ ଲୋକଙ୍କୁ ପଲିଥିନ ଯୋଗାଣ, ପ୍ରଭାବିତ ଅଞ୍ଚଳରେ ଡାକ୍ତରଙ୍କ ନିଯୁକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ସମୟରେ ଜିଲ୍ଲା କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଛି ।

ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଶ୍ରୀ ନରୋତ୍ତମ ବେହେରା, ଅତିରିକ୍ତ ଏସ୍.ପି. ଶ୍ରୀ ହରେକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦର ଉପ-ସଭାପତି ଶ୍ରୀ ବଇଧର ନାରାୟଣ ପାଣି, ସମସ୍ତ ଉପ-ଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ କଲେକ୍ଟର, ଏମ୍.କେସି ଶ୍ରୀ ଶଶାଙ୍କ ମେହେର ନିଜ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶେଷରେ ଡି.ପି.ଓ. ନିମାଇଁ ଚରଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

— x —

ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତା. ୨୪/୪/୧୮ ଢେଙ୍କାନାଳ

ଜ୍ଞାପକ ନଂ: ୪୭୩, , ତା. ୨୪/୦୪/୨୦୧୮.

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ହେମନ୍ତ କୁମାର ନାୟକ
୨୪/୪/୨୦୧୮
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଢେଙ୍କାନାଳ